# ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ଆହ୍ୱାନ



ଭାଜପାର ୪୭ତମ ପ୍ରତିଷ୍ଠା ଦିବସ ଅବସରରେ ମଞ୍ଚାସୀନ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ଅତିଥିମାନେ।

## ଭାଜପାର ୪୭ତମ ପ୍ରତିଷ୍ଠା ଦିବସ

ଢେଙ୍କାନାଳ,୬।୪(ରତନ ନାୟାର)

ଢେଙ୍କାନାଳ ଜିଲ୍ଲା ଭାଜପା କାର୍ଯ୍ୟାଳୟରେ ଭାରତୀୟ ଜନତା ପାର୍ଟିର ୪୭ତମ ପ୍ରତିଷ୍ଠା ଦିବସ ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ସୋମବାର ପାଳିତ ହୋଇଯାଇଛି। ରାଜ୍ୟ ସରକାର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସଂଘର ପ୍ରତିଷ୍ଠାତା ସ୍ୱର୍ଗତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ, ପଣ୍ଡିତ୍ ଦୀନ୍‌ୟାଲ ଉପାଧ୍ୟାୟ ତଥା ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠାତା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ପ୍ରମୁଖଙ୍କ ସ୍ମୃତିଚାରଣ କରିଥିଲେ। କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ଓ ଦେଶର ବିକାଶ ଏବଂ ରାଜ୍ୟର ବିକାଶ ଉପରେ ଆଲୋକପାତ କରିଥିଲେ। ସ୍ୱାଧୀନତାର ଶତବାର୍ଷିକ ପୂର୍ତ୍ତି ଅବସରରେ ୨୦୪୭ ମସିହାରେ ଭାରତକୁ ଏକ ବିକଶିତ ରାଷ୍ଟ୍ର ଓ ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ୨୦୩୬ ମସିହାରେ ଏକ ବିକଶିତ ରାଜ୍ୟ ଭାବେ ପରିଣତ କରିବା ପାଇଁ ନିଆଯାଇଥିବା ସଂକଳ୍ପ ସାକାର କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଗଁଦିଆ ବ୍ଲକ୍ ଅଧ୍ୟକ୍ଷା ରିନାରାଣୀ ଖଟୁଆ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶଚନ୍ଦ୍ର ମହାପାତ୍ର, ଜିଲାପରିଷଦ ପୂର୍ବତନ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ସମବାୟ ବ୍ୟାଙ୍କ ପୂର୍ବତନ ସଭାପତି ଅକ୍ଷୟ ମହାନ୍ତି, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦଳର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ମାତୃପ୍ରସାଦ ନନ୍ଦ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ନିରୋଦ କୁମାର ସାହୁ, ଧ୍ରୁବ ଚରଣ ସ୍ୱାଇଁ, ଇତିଶ୍ରୀ ସାହୁ, ସାଧାରଣ ସମ୍ପାଦିକା ପ୍ରଣତୀ ସାହୁ, ସହଦେବ ପୃଷ୍ଟି, ନଗର ମଣ୍ଡଳ ସଭାପତି ବିକାଶ କୁମାର ସାହୁଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା ଧନ୍ୟବାଦ ପ୍ରଦାନ କରିଥିଲେ।

# କୁଟୁଣିଆ ପୁଷ୍କରିଣୀ ପୁନରୁଦ୍ଧାର ଶୁଭାରମ୍ଭ


ପୁଷ୍କରିଣୀ ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ କରାଯାଉଛି।

ଢେଙ୍କାନାଳ,୬।୪(ରତନ ନାୟାର)

ଢେଙ୍କାନାଳ ସହର ୯ନଂ. ୱାର୍ଡ କଣ୍ଟାନାଳୀ ଛକ ସ୍ଥିତ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ନିକଟରେ ଥିବା କୁଟୁଣିଆ ପଷ୍କରିଣୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସୋମବାର ଶୁଭାରମ୍ଭ କରାଯାଇଛି। ପୁଷ୍କରିଣୀ ଚତୁଃପାର୍ଶ୍ୱ ହୁଡାର ପ୍ରଶସ୍ତୀକରଣ, ପୁଷ୍କରିଣୀର ଗଭୀରତା ବୃଦ୍ଧି, ସ୍ନାନଘାଟ ନିର୍ମାଣ, ଚତୁଃପାର୍ଶ୍ୱରେ ଭ୍ରମଣ ପାଇଁ ଫେଭର୍‌ରୋଡ ନିର୍ମାଣ, ସିମେଣ୍ଟ ବେଞ୍ଚ ସ୍ଥାପନ ସହିତ ଛାୟାପ୍ରଦ ଫଳ ଓ ଫୁଲ ଚାରାରୋପଣ ଆଦି କାର୍ଯ୍ୟ କରାଯିବାର ସ୍ଥିର ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ, କାଉନ୍‌ସିଲର ସୂର୍ଯ୍ୟପ୍ରତାପ ରାଉତ, ଠିକାଦାର ସଞ୍ଜୟ ପ୍ରଧାନ, ସହକାରୀ ଶିକ୍ଷକ ଚନ୍ଦ୍ରକାନ୍ତି ପଣ୍ଡା, ସରୋଜ ସାମଲ ଓ ସମରେନ୍ଦ୍ର ସାହୁ, ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରକାଶ ପାଣିଗ୍ରାହୀ ଓ ଆଲୋକ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପୁଷ୍କରିଣୀ ଖନନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ପ୍ରକଳ୍ପ ପାଇଁ ୭ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବାବେଳେ ୫ଲକ୍ଷ ୯୩ହଜାର ଟଙ୍କାର ଟେଣ୍ଡର କରାଯାଇଛି। ଏଥିପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର ଓ ପୌରଯନ୍ତ୍ରୀ ରଶ୍ମିତା ମିଶ୍ରଙ୍କୁ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ପୁଷ୍କରିଣୀର ଦୀର୍ଘ ସ୍ଥାୟୀତ୍ୱ ପାଇଁ ଜଳାଶୟ ସଂଲଗ୍ନ ହୁଡାର ଭିତର ପାର୍ଶ୍ୱ ଚାରିପଟେ ମାଙ୍କଡା ପଥର ଆଚ୍ଛାଦନର ବ୍ୟବସ୍ଥା କରିବାକୁ ରଥ ପୌର କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି।

# ରାସ୍ତା, ଆଲୋକ ଓ ଡ୍ରେନ୍‌ର ଉନ୍ନତୀକରଣ ହେଉ


ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ୧୮ନଂ. ୱାର୍ଡ ରାମେଶ୍ୱରପୁର କପିଳାସ ନଗରବାସୀ।

## କପିଳାସନଗର ବାସିନ୍ଦାଙ୍କ ଦାବି

ଢେଙ୍କାନାଳ,୬।୪(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳ ୧୮ ନଂ. ୱାର୍ଡ ରାମେଶ୍ୱରପୁର ଅଞ୍ଚଳରେ ରାସ୍ତା ନିର୍ମାଣ, ଆଲୋକୀକରଣ ଓ ଡ୍ରେନେଜ୍ ବ୍ୟବସ୍ଥାର ଉନ୍ନତୀକରଣ ନିମନ୍ତେ କପିଳାସନଗର ବାସିନ୍ଦା ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଦାବି କରିଛନ୍ତି। ରାମେଶ୍ୱରପୁର ରାଜ୍ ଫ୍ୟାମିଲି ହୋଟେଲ୍ ପଛପାଖ କପିଳାସ ନଗର ଅଞ୍ଚଳରେ ୨୦୨୦ ମସିହାରୁ ବହୁ ଅଧିବାସୀ ବସବାସ କରିଆସୁଛନ୍ତି। ପୌରପରିଷଦର ସମସ୍ତ କର ଠିକ୍ ସମୟରେ ପଇଠ କରୁଛନ୍ତି। କିନ୍ତୁ ରାସ୍ତା, ଆଲୋକୀକରଣ ଓ ଡ୍ରେନେଜ୍ ଆଦି ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ପୌରପରିଷଦର ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିଲା ବୋଲି ଅଭିଯୋଗ କରିଛନ୍ତି। ଏହାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ପୁରୁଣା ରାସ୍ତାରେ ନୂଆ ମାଟି ପକାଇ ବିଲ୍ ଉଠାଣ ଚକ୍ରାନ୍ତ

## ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ

ଢେଙ୍କାନାଳ,୬।୪(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ନୂଆଗାଁ ପଞ୍ଚାୟତର ମଣ୍ଡାପାଳ ଗ୍ରାମରେ ଏକ ପୁରୁଣା ରାସ୍ତାରେ ନୂଆ ମାଟି ପକାଇ ଏହାକୁ ନୂତନ ରାସ୍ତାଭାବେ ଦେଖାଇ ବିଲ୍ କରିବାକୁ ମସୁଧା କରାଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଗ୍ରାମବାସୀ ୨ଦିନ ତଳେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗରୁ ଜଣାପଡିଛି, ମଣ୍ଡାପାଳ ଗ୍ରାମର ମା' ବାଲିବାଉତୀ ମନ୍ଦିର ଠାରୁ ନୂଆଗାଁ ଯୋର ପର୍ଯ୍ୟନ୍ତ ଯାଇଥିବା ପୁରୁଣା ରାସ୍ତାରେ ୨୦୨୨ରୁ ୨୦୨୩ ଓ ୨୦୨୪ ମସିହାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ରାସ୍ତା କରାଯାଇଛି ବୋଲି ଫଳକ ମରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପର ଅଟକଳ ୯ଲକ୍ଷ ୪୯ହଜାର ଟଙ୍କା ରଖାଯାଇଥିଲା। କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି କେତେଜଣ ସରକାରୀ କର୍ମଚାରୀଙ୍କୁ ହାତକରି ଜେସିବି ମେଶିନ ଦ୍ୱାରା ରାତିଅଧରେ ଉକ୍ତ ପୁରୁଣା ରାସ୍ତାରେ ଅଳ୍ପ ମାଟି ପକାଇ ନୂତନ ରାସ୍ତା କରାଯାଇଛି ବୋଲି ଫଳକ ଲଗାଇଥିବା ଅଭିଯୋଗରେ ଦର୍ଶାଯାଇଛି। ସେହିପରି ମଣ୍ଡାପାଳ କୋଳିଲାବଣିଠାରୁ ବଡ଼ଯୋରା ପର୍ଯ୍ୟନ୍ତ ଏକ ରାସ୍ତାର ଉନ୍ନତୀକରଣରେ ଜବକାର୍ଡଧାରୀଙ୍କୁ ହାତକରି ବିଲ୍ ବାବଦକୁ ଟଙ୍କା ଉଠାଇବା ପାଇଁ ମସୁଧା କରାଯାଇଛି। ଏହି ଅନିୟମିତତା ସମ୍ପର୍କରେ ତଦନ୍ତ କରାଯିବା ସହିତ ବିଲ୍ ପ୍ରଦାନକୁ ସ୍ଥଗିତ ରଖାଯିବା ଏବଂ ଏଥିରେ ସମ୍ପୃକ୍ତ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



ମରାଯାଇଥିବା ଫଳକ।

# ପାନୀୟଜଳ ଯୋଗାଇବାକୁ ଗ୍ରାମବାସୀଙ୍କ ଦାବି


ସାନନଡ଼ବ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ଢେଙ୍କାନାଳ,୬।୪(ରତନ ନାୟାର)

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ କୋତମ ପଞ୍ଚାୟତର ସାନନଡ଼ବ ଗ୍ରାମ ଦଳିତ ସାହିରେ ପାନୀୟଜଳ ସଙ୍କଟ ଦେଖାଦେଇଛି। ଉକ୍ତ ଗ୍ରାମକୁ ପାନୀୟଜଳ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣିରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଅଭିଯୋଗ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି, ଗ୍ରାମରେ ପ୍ରାୟ ଦଳିତ ସମ୍ପ୍ରଦାୟର ଅଧିବାସୀ ରହୁଛନ୍ତି। ଗ୍ରାମରେ ୨ଟି ଖୋଲାକୂଅ ଓ ୨ଟି ନଳକୂଅ ଥିଲେ ମଧ୍ୟ ସେଥିରୁ ପାଣି ବାହାରୁନାହିଁ। ପାନୀୟ ଜଳର କୌଣସି ସୁବିଧା ନାହିଁ। ଗୋଟିଏ ପୋଖରୀ ରହିଥିଲେ ମଧ୍ୟ ତାହା ଶୁଖିଲା ପଡିଛି। ଉକ୍ତ ପୋଖରୀ ଖୋଳିବା ପାଇଁ କୋତମ ପଞ୍ଚାୟତବାସୀ ଗ୍ରାମସଭାରେ ପ୍ରସ୍ତାବ ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟ ହୋଇପାରୁନାହିଁ । ପାନୀୟଜଳ ନ ଥିବାରୁ ଗ୍ରାମବାସୀ ବହୁ କଷ୍ଟରେ ଜୀବନଯାପନ କରୁଛନ୍ତି। ନିକଟସ୍ଥ ସାପୁଆ ନଦୀରୁ ଚୁଆ ଖୋଲି ପାଣି ଆଣୁଛନ୍ତି। ତୁରନ୍ତ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

# ତପୋବନ ପୀଠ ପରିଦର୍ଶନ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

ଢେଙ୍କାନାଳ,୬।୪(ରତନ ନାୟାର)

ମହିମା ଧର୍ମର ପୀଠ ପରିଦର୍ଶନ ପାଇଁ ରାଜ୍ୟ ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମହିମା ଜ୍ୟୋତିଯାତ୍ରା ପରିଚାଳନା ପରିଷଦ ପକ୍ଷରୁ ବିଧିବଦ୍ଧ ଭାବେ ନିମନ୍ତ୍ରଣ କରାଯାଇଛି। ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ଢେଙ୍କାନାଳ ସଂସ୍କୃତି ଭବନରେ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ତପୋବନ ପରିଚାଳନା ପରିଷଦ ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ ଏହି ନିମନ୍ତ୍ରଣ ପତ୍ର ଦେଇଥିଲେ। ଉତ୍ପତିସ୍ଥଳ କୁହାଯାଉଥିବା କପିଳାସ ମହିମା ତପୋବନ ପୀଠରେ ମହିମା ଧର୍ମର ପ୍ରତିଷ୍ଠାତା ମହିମା ସ୍ୱାମୀ ଦୀର୍ଘ ୨୪ବର୍ଷ କାଳ ଆତ୍ମଯୋଗ ସାଧନାରେ ମଗ୍ନ ରହିଥିଲେ। ଔଷଧୀୟ ଝରଣା ଜଳ ସାଙ୍ଗକୁ ୧୨ବର୍ଷ ଧରି କେବଳ ଜଙ୍ଗଲଜାତ ଫଳ ଆହାର ଓ ୧୨ ବର୍ଷ ଧରି ଗୋଦୁଗ୍ଧ ସେବନ କରି ତପସ୍ୟାରତ ରହିଥିଲେ। ମହିମା ମଣ୍ଡନ କରୁଥିବା ତପୋବନ ମହିମା ପୀଠକୁ ପରିଦର୍ଶନ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିବା ପୀଠ ପକ୍ଷରୁ ସୂଚନା ଦିଆଯାଇଛି।

# ବାବୁଚାନ୍ଦ ସଭାପତି, ଉଷାରାଣୀ ସମ୍ପାଦକ



ଭାରତ ବିକାଶ ପରିଷଦର ଢେଙ୍କାନାଳ ଶାଖାର ନୂତନ କର୍ମକର୍ତ୍ତା।

## ଭାରତ ବିକାଶ ପରିଷଦର ନୂତନ କର୍ମକର୍ତ୍ତା

ଢେଙ୍କାନାଳ,୬।୪(ରତନ ନାୟାର)

ଢେଙ୍କାନାଳ ଭାରତ ବିକାଶ ପରିଷଦ ଶହୀଦ ବାଜି ରାଉତ ଶାଖା ସଭାପତି ବାବୁଚାନ୍ଦ ମହାଲିକଙ୍କ ସଭାପତିତ୍ୱରେ ଦକ୍ଷିଣକାଳୀସ୍ଥିତ ଢେଙ୍କା ନିଳୟମ ପରିସରରେ ସଙ୍ଗଠନର ନୂତନ କର୍ମକର୍ତ୍ତା ଚୟନ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ବାବୁଚାନ୍ଦ ମହାଲିକଙ୍କ ସଭାପତିରେ ପର୍ଯ୍ୟବେକ୍ଷକ ଭାବେ ପ୍ରାନ୍ତ ସଙ୍ଗଠନ ସମ୍ପାଦକ ରାମଚନ୍ଦ୍ର ଦଳାଇ ଓ ପ୍ରାନ୍ତ କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ନାୟକ ଯୋଗଦାନ କରି ସମ୍ପର୍କ, ସହଯୋଗ, ସଂସ୍କାର, ସେବା ଓ ସମର୍ପଣ ସଙ୍ଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, ଶିକ୍ଷାବିତ୍ ଡ. ହରେକୃଷ୍ଣ କର, ଶିକ୍ଷାବିତ୍ ଡ.କବିତା ମହାନ୍ତି ଓ ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ଭାବେ ବାବୁଚାନ୍ଦ ମହାଲିକ, ସମ୍ପାଦକ ଉଷାରାଣୀ ଦାସ, କୋଷାଧ୍ୟକ୍ଷ ଭାବେ ମୋନାଲିସା ମାହୁନ୍ତ ନିର୍ବାଚିତ ହୋଇଥିଲେ। ସମ୍ପର୍କ ସଚିବ ଡ. କବିତା ମହାନ୍ତି, ପର୍ଯ୍ୟାବରଣ ସଚିବ ସବ୍ୟସାଚୀ ପଟ୍ଟନାୟକ, ସଂସ୍କାର ସଚିବ ଅନିଲ କୁମାର ରାଉତ, ସେବା ସଚିବ ନବଦୀପ ନାୟକ, ମହିଳା ସହଭାଗିତା ସଚିବ ସବିତା ଧୀର ପ୍ରମୁଖ ମନୋନିତ ହୋଇଥିଲେ। ସମ୍ପାଦକ ଉଷାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ସଫେଇ କାର୍ଯ୍ୟକ୍ରମ



ଓଡ଼ାପଡ଼ା,୬।୪(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ସ୍ୱଚ୍ଛ ଓଡ଼ିଶା ଦିବସରେ ଜୀବନଖୋଲ ମନ୍ଦିର ପରିସରରେ ସୋମବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ଓଡ଼ାପଡ଼ା ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ପାଢ଼ୀ, ଗ୍ରାମପଞ୍ଚାୟତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ବ୍ଲକ୍ କର୍ମଚାରୀ ଯୋଗଦେଇ ମନ୍ଦିର ପରିସରକୁ ସଫେଇ କରିଥିଲେ। ଏଥିସହିତ ଆସନ୍ତା ୧୩ ତାରିଖରେ ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଖାଦ୍ୟ ଦିବସ ପାଳନ, ୧୪ରେ ଝୋଟି, ଚିତା, ମୁରୁଜ ଓ ବିଭିନ୍ନ ପ୍ରକାର ପିଠାପଣା ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ହିନ୍ଦୋଳରେ ଭାଜପା ପ୍ରତିଷ୍ଠା ଦିବସ ପାଳିତ


ଚିଉଳପୁର ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଭାଜପା ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅତିଥିମାନେ।

ସାତମାଇଲ,୬।୪(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ବାବନ୍ଧ ମଣ୍ଡଳ ଚିଉଳପୁର ପଞ୍ଚାୟତ ଅନ୍ତର୍ଗତ କଲ୍ୟାଣ ମଣ୍ଡପଠାରେ ସୋମବାର ଭାଜପାର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ଉଗ୍ରେଶ୍ୱର ମହାଦେବଙ୍କୁ ଅତିଥିବୃନ୍ଦ ଓ ନେତୃବୃନ୍ଦ ପୂଜାର୍ଚ୍ଚନା କରିଥିଲେ। ଏଥିରେ ମଣ୍ଡଳ ସଭାପତି ପ୍ରବୋଧ ପ୍ରଧାନ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ବିଧାୟିକା ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷା ସୀମାରାଣୀ ନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭାଜପା ଆଜି ଶୂନରୁ ଶୀର୍ଷରେ ପହଞ୍ଚିବା ସହ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦଳ ଭାବେ ସଙ୍ଗଠନକୁ ବିସ୍ତାର କରିପାରିଛି। ଶ୍ରେଷ୍ଠ ଭାରତ ଗଠନ ପାଇଁ ଦଳୀୟ କର୍ମକର୍ତ୍ତାଙ୍କ ଅବଦାନ ଅତୁଳନୀୟ, ତ୍ୟାଗପୁତ ମନୋଭାବ ନେଇ ଜନସାଧାରଣଙ୍କ ସେବା କରିବାକୁ କର୍ମକାର୍ତ୍ତାଙ୍କୁ ବିଧାୟିକା ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ମଣ୍ଡଳର ପ୍ରତ୍ୟେକ ପଞ୍ଚାୟତରୁ ଆସିଥିବା କର୍ମକର୍ତ୍ତା ଜିଲା ଯୋଜନା କମିଟି ଅଧ୍ୟକ୍ଷା ନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଯୋଜନା କମିଟି ଅଧ୍ୟକ୍ଷା ନିଯୁକ୍ତି ନେଇ ବିଧାୟିକା ନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣିଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିସହ ହିନ୍ଦୋଳ ନିର୍ବାଚନମଣ୍ଡଳୀ ସହ ସମଗ୍ର ଢେଙ୍କାନାଳ ଜିଲାର ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ।

# ବନ ବିଭାଗର ଚଢ଼ାଉ, ୨ ବାଲି ବୋଝେଇ ଗାଡ଼ି ଜବତ

ପରଜଙ୍ଗ,୬।୪ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ମୁକ୍ତାପଶି ଫରେଷ୍ଟ ସେକ୍ସନ ଅନ୍ତର୍ଗତ ରାହାବେରେଣୀ ଗାଁ ନିକଟରୁ ୨ଟି ବାଲି ବୋଝେଇ ଗାଡିକୁ ଜବତ କରିଛି ବନ ବିଭାଗ। ଜବତ ଗାଡି ମଧ୍ୟରେ ଗୋଟିଏ ହାଇୱା ଓ ଗୋଟିଏ ଟିପ୍ପର ରହିଛି। ବାଲି ବୋଝେଇ ଗାଡି ୨ଟି ବ୍ରାହ୍ମଣୀ ନଦୀରୁ ବିନା କାଗଜପତ୍ରରେ ବାଲିନେଇ ଭାୟା ବସୋଇ ଗାଁ ଦେଇ ଯାଉଥିବାବେଳେ ବନ ବିଭାଗ ଟିମ୍ ଧରିଥିଲା। ସୂଚନା ଅନୁଯାୟୀ, ରେଞ୍ଜର କୈଳାସ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ ଖବର ପାଇ ଏହି ଚଢ଼ାଉ କରିଥିଲା। ଅଞ୍ଚଳରେ ବାରମ୍ବାର ବେଆଇନ ଚୋରା ବାଲି ଚାଲାଣ ହେଉଥିବା ନେଇ ବନ ବିଭାଗ ନିକଟରେ ଅଭିଯୋଗ ହୋଇ ଆସୁଥିଲା।



# ଦଣ୍ଡନୃତ୍ୟ, ଦାନବୀର ହରିଶ୍ଚନ୍ଦ୍ର ପୁସ୍ତକ ଉନ୍ମୋଚନ


ଅତିଥିଙ୍କ ସହ ମା' କାମନାକାଳୀ ଦଣ୍ଡନୃତ୍ୟ ଅନୁଷ୍ଠାନ କର୍ମକର୍ତ୍ତାମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କାମାକ୍ଷାନଗର,୬।୪(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲାରେ ସୋଗର ଗାଁ ନିଜର ଦଣ୍ଡନୃତ୍ୟକୁ ନେଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସେଥିପାଇଁ ଢେଙ୍କାନାଳର ଦଣ୍ଡନୃତ୍ୟ ଓ ଦାନବୀର ହରିଶ୍ଚନ୍ଦ୍ର କାହାଣୀକୁ ନେଇ ଚଳିତବର୍ଷର ପୁସ୍ତକ ଉନ୍ମୋଚିତ ହୋଇଛି। ଆଜିର ଯୁବପିଢ଼ି ଲୋକକଳାରୁ ବିମୁଖ ହେଉଥିବାରୁ ଦଣ୍ଡନୃତ୍ୟ ଭଳି ପ୍ରାଚୀନ ସଂସ୍କୃତିକୁ ବଞ୍ଚାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି ସୋଗର ଗାଁର ମା' କାମନାକାଳୀ ଦଣ୍ଡନୃତ୍ୟ ଅନୁଷ୍ଠାନର କର୍ମକର୍ତ୍ତା । ଏ ନେଇ ସ୍ଥାନୀୟ ସୋଗରେଶ୍ୱର ଶିବ ମନ୍ଦିରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ପ୍ରକାଶକ ସଞ୍ଜିତ ପଟ୍ଟନାୟକ, ଜିଲା ଭାଜପା ସଭାପତି ରାସବିହାରୀ ବେହେରା, ଅଧ୍ୟାପକ ପ୍ରଫେସର ଆଶିଷ ଜେନା ଓ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦେଇଥିଲେ। ଦଣ୍ଡନୃତ୍ୟରେ ବିଭିନ୍ନ ପୌରାଣିକ ତଥା ସାମାଜିକ ବିଷୟବସ୍ତୁକୁ ନେଇ ନୃତ୍ୟ ପରିବେଷଣ ହୋଇଥାଏ । ଏହି ପୁସ୍ତକ ଆଗାମୀ ପିଢ଼ି ପାଇଁ ଅନେକ ଉପାଦେୟ ହେବା ନେଇ ଆଶା ରଖିଛନ୍ତି ଅନୁଷ୍ଠାନର କର୍ମକର୍ତ୍ତା ତଥା ଦଣ୍ଡୁଆ। ଏଥିପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପୁସ୍ତକ ଉନ୍ମୋଚନ କରାଯିବା ସହ ଦଣ୍ଡନୃତ୍ୟକୁ ବହୁବର୍ଷ ଧରି ଆଗେଇ ନେଇଥିବା କିଛି ପୁରୁଣା କଳାକାର ଓ ଏବେର କଳାକାରଙ୍କୁ ମା' କାମନାକାଳୀ ଦଣ୍ଡନୃତ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସୋଗର କାମନାକାଳୀ ଦଣ୍ଡନୃତ୍ୟ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବିଭୁତି ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଗର୍ଜିଲା ବିଜେଡି, ଏସ୍‌ପି ଅଫିସ ଘେରାଉ

### ମହିଳା ହାବିଲଦାରଙ୍କ ଇସ୍ତଫା ଘଟଣା

**ଅନୁଗୋଳ,୬।୪ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ରିଜର୍ଭ ପୋଲିସର ଜଣେ ମହିଳା ହାବିଲଦାର ଉପରିସ୍ଥ ଜଣେ ଅଧିକାରୀ ଓ ଜଣେ ସହଯୋଗୀଙ୍କ ବିରୋଧରେ ମାନସିକ ଚାପ ଓ ହଇରାଣ ହରକତ କରାଯିବା ଅଭିଯୋଗ ଆଣି ଚାକିରିରୁ ଇସ୍ତଫା ଦେଇଥିଲେ। ଏହି ଘଟଣାରେ ସମ୍ପୃକ୍ତା ମହିଳା ହାବିଲଦାରଙ୍କୁ ନ୍ୟାୟ ଦାବିରେ ସୋମବାର ଅନୁଗୋଳ ଜିଲା ବିଜୁ ଜନତା ଦଳ ପକ୍ଷରୁ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳ ପକ୍ଷରୁ ରାଜ୍ୟ ସରକାର ଓ ପୋଲିସ ପ୍ରଶାସନର ଦାୟିତ୍ୱହୀନ ମନୋଭାବକୁ କଟୁ ଭାବରେ ନିନ୍ଦା କରାଯାଇଛି।

ଦଳ ପକ୍ଷରୁ ଅଭିଯୋଗ କରାଯାଇ, ସରକାରଙ୍କ ୨୨ ମାସରେ ନାରୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦିନକୁ ଦିନ ନାରୀ ଓ ଛାତ୍ରୀମାନଙ୍କ ଉପରେ ଅତ୍ୟାଚାର ବଢ଼ୁଛି। ଏହା ବିରୋଧରେ ଅନୁଗୋଳ ସହରରେ ବିଜୁ ଜନତା ଦଳ ଓ ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରା ଏସ୍‌ପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବା ପରେ ସେଠାରେ ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଆନ୍ଦୋଳନରେ ଜିଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ମହିଳା ବିଜେଡି ସଭାନେତ୍ରୀ ତଥା ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହ, ପୂର୍ବତନ ବିଧାୟକ ସୁଶାନ୍ତ ବେହେରା ଓ ମୁକେଶ ପାଲଙ୍କ ସହିତ ପୂର୍ବତନ ଜିଲା ସଭାପତି ମହେନ୍ଦ୍ର ବଡ଼ୁଆ, ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ନଗରପାଳ ଅକ୍ଷୟ କୁମାର ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଦଳର ବିଭିନ୍ନ ପଦାଧିକାରୀ, ବ୍ଲକ ଓ ନଗର ସଭାପତି, ଜିଲା ପରିଷଦ ସଦସ୍ୟ, କାଉନସିଲର ଓ ଯୁବ ଓ ଛାତ୍ର ବିଜେଡି କର୍ମୀମାନେ ବିପୁଳ ସଂଖ୍ୟାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାସ ଓ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, ଯୁବ ନେତା ଅରୁଣାଭ ସିଂହ ସମ୍ପାଦନ କରିଥିଲେ।



ବିକ୍ଷୋଭରେ ସାମିଲ ହୋଇଥିବା ବିଜେଡି ନେତା ଓ ନେତ୍ରୀ।

## କୁଆପଥର ମାଡ଼ରେ ଫସଲ ହାନି ଅଭିଯୋଗ



**ଅନୁଗୋଳ,୬।୪(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ସହର ନିକଟବର୍ତ୍ତୀ ଗାଁଗୁଡ଼ିକରେ ସୋମବାର ଅପରାହ୍ନରେ କାଳବୈଶାଖୀ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ହୋଇଛି। ଦିନତମାମ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ହଠାତ ଅପରାହ୍ନରେ କଳାହାଣ୍ଡିଆ ମେଘ ମାଡ଼ି ଆସିଥିଲା। ପ୍ରାୟ ୩ଟା ୩୦ରୁ ପବନ ସାଙ୍ଗକୁ କୁଆପଥର ମାଡ଼ ଆରମ୍ଭ ହୋଇଯାଇଥିଲା। ଅଧଘଣ୍ଟା ଧରି କୁଆପଥର ବର୍ଷା ହୋଇଥିବାବେଳେ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଥିବା ଜଣାପଡିଛି। ଅନୁଗୋଳ ବ୍ଲକର ନନ୍ଦପୁର, କରତପଟା, ମଧୁପୁର ଆଦି ଅଞ୍ଚଳରେ ଫସଲ ନଷ୍ଟ ପରିମାଣ ଅଧିକ ହୋଇଥିବା ବେଳେ ପୋକତୁଙ୍ଗା ଅଞ୍ଚଳରେ ବ୍ୟାପକ କଦଳୀ ଚାଷ ନଷ୍ଟ ହୋଇଥିବା ଅଭିଯୋଗ ହେଉଛି।

## ବଶିଷ୍ଠ ହେଲେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ

**ବଇଣ୍ଡା, ୬।୪ (ପରିକ୍ଷିତ ସାହୁ)**

ରାଜ୍ୟ ସରକାର ସୋମବାର ଅନୁଗୋଳ ଜିଲା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତର ବଶିଷ୍ଠ ନାୟକଙ୍କୁ ନିଯୁକ୍ତ କରିଛନ୍ତି। ଏହାକୁ ନେଇ କିଶୋରନଗର ବ୍ଲକ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ବଶିଷ୍ଠ ବଇଣ୍ଡାର ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିବା ପରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ଲିପ୍ତ ରହିବା ସହ ଏସ୍‌ଟି ଏସ୍‌ସି ସମାଜର ବିକାଶମୂଳକ କାର୍ଯ୍ୟ କରୁଥିଲେ। ଆଗକୁ ଏସ୍‌ଟି ଏସ୍‌ସି ସମାଜ ସହ କିପରି ଜିଲାର ବିକାଶ ହୋଇପାରିବ ସେ ଦିଗରେ ଅଧିକ ଗୁରୁତ୍ୱ ଦେବେ ବୋଲି ନାୟକ ପ୍ରକାଶ କରିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ସାଏଙ୍କୁ କୃତଜ୍ଞତା ଜଣାଇଛନ୍ତି।



ବଶିଷ୍ଠ ନାୟକ

## ହେରୋଇନ ଜବତ, ଜଣେ ଗିରଫ

**ତାଳଚେର,୬।୪(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ଥାନା ବହ୍ଲର ନିକଟରେ ତାଳଚେର ଅବକାରୀ ନିରୀକ୍ଷକ ଉମାକାନ୍ତ ସ୍ୱାଇଁ ଓ କର୍ମଚାରୀମାନେ ଚଢ଼ାଉ କରି ୬୫ ଗ୍ରାମ ହେରୋଇନ ସହିତ ଏକ ବାଇକ୍ ଜବତ କରିଛନ୍ତି। ଏଥିସହ କୋଲିୟାରୀ ଥାନା ଘଣ୍ଟପଡ଼ାର ଆପିନ ଦାସ (୩୨)ଙ୍କୁ ଗିରଫ କରିଛନ୍ତି। ଏହି ଚଢ଼ାଉରେ ତାଳଚେର ଅବକାରୀ ଏଏସ୍‌ଆଇ ମାନସ ରଞ୍ଜନ ପ୍ରଧାନ, ସରୋଜ କୁମାର ସାହୁ, ପପୁନ କୁମାର ପ୍ରଧାନ, ଗୌରୀ ଓରାମ ସାମିଲ ଥିଲେ।

## ୯ ଅଭିଯୋଗର ଫଇସଲା

**କଣିହାଁ,୬।୪(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଉପସ୍ଥିତିରେ ମୋଟ ୮୩ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ସେଥିରୁ ୯ଟି ଅଭିଯୋଗର ଫଇସଲା କରାଯାଇଥିଲା। ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୫ ଜଣଙ୍କୁ ବୁରୁକୁନା ପଞ୍ଚାୟତର ରାଜେନ୍ଦ୍ର ବେହେରା ଓ କୁମ ବାରିକଙ୍କୁ କର୍କଟ ରୋଗର ଚିକିତ୍ସା ନିମନ୍ତେ ୧୫ ହଜାର ଓ ୭,୫୦୦ ଟଙ୍କା ଲେଖାଏ ଏବଂ ବଜ୍ରକୋଟ ପଞ୍ଚାୟତର ନିରଞ୍ଜନ ନାଏକ ଏବଂ ତ୍ରିଲୋଚନ ବିଶିଙ୍କୁ କିଡ୍‌ନୀ ରୋଗର ଚିକିତ୍ସା ନିମନ୍ତେ ୧୫ହଜାର ଟଙ୍କା ଲେଖାଏ ଏବଂ ବିଜିଗୋଳ ପଞ୍ଚାୟତର କାଳନ୍ଦୀ ଚରଣ ଦାସଙ୍କୁ ଚିକିତ୍ସା ନିମନ୍ତେ ୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ, ଉପଜିଲାପାଳ ତାଳଚେର ଆଶିଷ ରଞ୍ଜନ ସାହୁ, ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ଚିନ୍ମୟ ଦାସ ଏବଂ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପିଙ୍କ ସହ ଅନ୍ୟ ଅଧିକାରୀମାନେ।

## ଦଳର ବିଚାରଧାରା, ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା



ମଣ୍ଡଳସ୍ତରୀୟ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଭାଜପା ନେତାମାନେ।

**ବନ୍ତଲା,୬।୪(ସୁଶିତ ସାହୁ)**

ଅନୁଗୋଳ ଜିଲା ଭାଜପାର ସାତକୋଶିଆ ମଣ୍ଡଳ ପକ୍ଷରୁ ମାଣିଯୋଡ଼ି ପଞ୍ଚାୟତ ଗୋକୁଳାନନ୍ଦ ମଠ ପରିସରରେ ସୋମବାର ମଣ୍ଡଳସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ରାଧାକାନ୍ତ ପଲାଇଙ୍କ ତତ୍ତ୍ୱାବଧାନରେ ଦଳୀୟ ପତାକା ଉତ୍ତୋଳନ କରାଯିବା ସହ ଦଳୀୟ ପ୍ରତିଷ୍ଠାତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ସାଏ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜିଲା ପ୍ରତିନିଧି ତଥା ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ ଯୋଗଦେଇଥିଲେ। ଏଥିରେ ଦଳର ଗଠନ, ବିଚାରଧାରା ଓ ଆଭିମୁଖ୍ୟ ନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସାତକୋଶିଆ ମଣ୍ଡଳର ୯ଟି ପଞ୍ଚାୟତର ସମସ୍ତ ସକ୍ରିୟ ସଭ୍ୟ, ଜନ ପ୍ରତିନିଧି ଓ କର୍ମକର୍ତ୍ତା ଯୋଗଦେଇଥିଲେ। କୋଷାଧ୍ୟକ୍ଷ ତଥା ମଣ୍ଡଳ ପ୍ରଭାରୀ ବିଶ୍ୱଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମଣ୍ଡଳ ସଭାପତି ଅନନ୍ତ ବାସୁଦେବ ମହାନ୍ତି, ପ୍ରଭାତ ମିଶ୍ର, ଶରତ ଚନ୍ଦ୍ର ପ୍ରଧାନ, ଯଶୋବନ୍ତ ବେହେରା, ଲିଟନ ସାହୁ, ତତ୍ତ୍ୱଦର୍ଶୀ ପ୍ରଧାନ, ରଣଜିତ୍ ଖିଲାର, ବସନ୍ତ ସାହୁ, ଶୋଭାବତୀ ପ୍ରଧାନ, ପପୁ ପ୍ରଧାନ, ବିକାଶ ପ୍ରଧାନ, ବେଦବ୍ୟାସ ପ୍ରଧାନ, ବିକାଶ ବେହେରା, ଦୋଳଗୋବିନ୍ଦ ପ୍ରଧାନ, ବିଦ୍ୟାଧର ଆହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା କିଷାନ କଂଗ୍ରେସ କମିଟି ଗଠନ

**ଅନୁଗୋଳ,୬।୪(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଜିଲା କିଷାନ କଂଗ୍ରେସ କମିଟି ଜିଲା ସଭାପତି ସୌମେନ୍ଦ୍ର ଦେହୁରୀଙ୍କ ଦ୍ୱାରା ଗଠିତ ନୂତନ କମିଟି ରବିବାର ପ୍ରଦେଶ କିଷାନ କଂଗ୍ରେସ ସଭାପତି ଅଭୟ କୁମାର ସାହୁଙ୍କ ଦ୍ୱାରା ଅନୁମୋଦନ ଲାଭ କରିଛି। ନୂତନ କମିଟିରେ ଉପସଭାପତି ଭାବେ ପ୍ରାଣବନ୍ଧୁ ପ୍ରଧାନ, ପ୍ରଦୀପ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା ଓ ଦିଲୀପ ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ବସନ୍ତ କୁମାର ବିଶୋୟୀ, ଶିଶିର କୁମାର ପାଳ, ମନୋଜ କୁମାର ଦାସ, ଅଶୋକ କୁମାର ବିଶୋୟୀ, ବିରଞ୍ଚି ସାହୁ, ବିଭୂତି ଭୂଷଣ ସାହୁ, ବିପିନ ପାତ୍ର, ଆଲୋକ ଦେହୁରୀ, ଜୟନ୍ତ କୁମାର ପ୍ରଧାନ, ବିମଳ ପ୍ରଧାନ, ସୁମିତ କୁମାର ସାହୁ, ହେମନ୍ତ ଦେହୁରୀ, ଧୀରେନ ପ୍ରଧାନ, ମିହିର କୁମାର ପାଳ, ପ୍ରମୋଦ କୁମାର ସାହୁ, ଭାଗୀରଥି ନାୟକ, ଗୋପୀନାଥ ସାହୁ ଓ କୋଷାଧ୍ୟକ୍ଷ ଭାବେ ଲୋକନାଥ ସାହୁଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ଅନୁଗୋଳ ବ୍ଲକ ପାଇଁ ବନବିହାରୀ ପ୍ରଧାନ, ଆଠମଲ୍ଲିକ ବ୍ଲକ ପାଇଁ ଜୟଲାଲ ବିଶ୍ୱାଳ, ବଁଅରପାଳ ବ୍ଲକ ପାଇଁ ସୁଶାନ୍ତ ମହାପାତ୍ର, ଛେଣ୍ଡିପଦା ବ୍ଲକ ପାଇଁ ତ୍ରିନାଥ ସାହୁ, କିଶୋରନଗର ବ୍ଲକ ପାଇଁ କନ୍ଦର୍ପ ପ୍ରଧାନ, କଣିହାଁ ବ୍ଲକ ପାଇଁ ସୁଶାନ୍ତ ଶଶୀକାନ୍ତ ସାମଲ, ପଲଲହଡ଼ା ବ୍ଲକ ପାଇଁ ପ୍ରଶାନ୍ତ କୁମାର ପ୍ରଧାନ, ତାଳଚେର ବ୍ଲକ ପାଇଁ ସୁଧୀର କୁମାର ବେହେରା, ଅନୁଗୋଳ ନଗରପାଳିକା ପାଇଁ କସିଦା ଖାନ, ଆଠମଲ୍ଲିକ ପୌରପାଳିକା ପାଇଁ ମନୋଜ ପ୍ରଧାନ, ତାଳଚେର ନଗରପାଳିକା ପାଇଁ ସନ୍ତୋଷ ମହାରଣାଙ୍କୁ ମନୋନୀତ କରାଯାଇଛି। କମିଟିରେ ନିମନ୍ତ୍ରିତ ସଦସ୍ୟ ଭାବେ ସସ୍ମିତା ବେହେରା, ସୁନୀଲ କୁମାର ପ୍ରଧାନ, ଅମ୍ବିକା ପ୍ରସାଦ ଭଞ୍ଜ, ପ୍ରଫୁଲ୍ଲ କୁମାର ଦାସ, ଫକୀର ମୋହନ ସାମଲ, ନରୋତ୍ତମ ନାଏକ, ହିମାଂଶୁ ଚାଉଳିଆ, ଭଜମନ ଦାସ, ସନତ କୁମାର ପ୍ରଧାନ ରହିଥିବା ପ୍ରେସ୍ ଇସ୍ତାହାରରେ ଗୋପାଳ ଚନ୍ଦ୍ର ନାଥ ଜଣାଇଛନ୍ତି।

## ଦଳୀୟ ସଙ୍ଗଠନ ଉପରେ ଆଲୋକପାତ

**ଆଠମଲ୍ଲିକ,୬।୪(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ନଗର ଭାଜପା ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନଗର ସଭାପତି ଶୈଳବାଳା ଅମାନ୍ତଙ୍କ ନେତୃତ୍ୱରେ ବହୁ ଦଳୀୟ ସମର୍ଥକ ଓ ଯୁବକର୍ମୀ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟରେ ଏକତ୍ରିତ ହୋଇ ଦଳୀୟ ପତାକା ଧରି ସ୍ଲୋଗାନ ଦେଇ ବାଇକ୍ ରାଲିରେ ସହର ପରିକ୍ରମା କରି ସ୍ଥାନୀୟ ଡାକ ବଙ୍ଗଳାରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସଭାରେ ଭାଜପା ନେତା ତଥା ଆଇନଜୀବୀ ଭବାନୀ ପ୍ରସାଦ ଜ୍ୟୋତିଷରାୟ ଦଳର ଗଠନ ଓ ଦଳୀୟ ସଙ୍ଗଠନ ଉପରେ ଆଲୋକପାତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ରାଜ୍ୟ ପରିଷଦ ସଭ୍ୟ ପରେଶ ଦେଓ, ପୂର୍ବତନ ନଗର ସଭାପତି ଅବନୀ ପ୍ରଧାନ, କାଉନସିଲର ନୂତନ ବେହେରା, ନଗର ସମ୍ପାଦକ ଶିବାଶିଷ ରାଉତ, ଆଇନଜୀବୀ ସୁଧାଂଶୁ ବେହେରା, ବିଦ୍ୟୁତ୍ ପାଣିଗ୍ରାହୀ, ଅନ୍ତର୍ଯ୍ୟାମୀ ରାଉଳ, ପ୍ରାଣବନ୍ଧୁ ମେଣ୍ଢୁଲୀ, ଯୁବନେତା ପିନା ପାଣିଗ୍ରାହୀ, ସୁଶାନ୍ତ ପ୍ରଧାନଙ୍କ ସମେତ ବହୁ ଦଳୀୟ ସମର୍ଥକ ଉପସ୍ଥିତ ଥିଲେ।



ଭାଜପା ପ୍ରତିଷ୍ଠା ଦିବସରେ ଉପସ୍ଥିତ କର୍ମକର୍ତ୍ତାମାନେ।

## ପଞ୍ଚାୟତ ନିର୍ବାଚନ ପାଇଁ ସମସ୍ତଙ୍କୁ ପ୍ରସ୍ତୁତ ରହିବାକୁ ଆହ୍ୱାନ

**କଣିହାଁ,୬।୪(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରନଗରଠାରେ ସୋମବାର ଭାରତୀୟ ଜନତା ପାର୍ଟିର ୪୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପବିତ୍ରନଗର ମଣ୍ଡଳ ସଭାପତି ମନୋଜ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏହି ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇଥିଲେ। ବିଧାୟକ ତାଙ୍କ ଅଭିଭାଷଣରେ ଭାରତୀୟ ଜନତା ପାର୍ଟିର ଗୌରବମୟ ଇତିହାସ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସମସ୍ତଙ୍କୁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ପ୍ରହ୍ଲାଦ ସାମଲ, ବୁରୁକୁନା ସରପଞ୍ଚ ଦୁଃଖବନ୍ଧୁ ବେହେରା, ବିରୁ ସରପଞ୍ଚ ଧରଣୀଧର ବେହେରା, କର୍ଣ୍ଣପାଳ ସରପଞ୍ଚ ହୃଷୀକେଶ ସାମଲ, କୁଲେଇ ପଞ୍ଚାୟତ ସମିତିସଭ୍ୟ ପ୍ରିୟ ମହାନ୍ତି, ବରିଷ୍ଠ ନେତା ରମେଶ ଚନ୍ଦ୍ର ପ୍ରଧାନ ଓ ସମସ୍ତ ଶକ୍ତିକେନ୍ଦ୍ର ଏବଂ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକଙ୍କ ସହ ଅନ୍ୟମାନେ।

## ସ୍ୱଚ୍ଛ ଓଡ଼ିଶା ଦିବସରେ ସାମୂହିକ ସଫେଇ



ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପୌର ଅଧ୍ୟକ୍ଷାଙ୍କ ସହ ଅନ୍ୟମାନେ।

**ଆଠମଲ୍ଲିକ,୬।୪(ଉଦୀପ୍ତ ପୁରୋହିତ)**

ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର ଆଠମଲ୍ଲିକ ଏନ୍‌ଏସି ତରଫରୁ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଏନ୍‌ଏସି ଅନ୍ତର୍ଗତ ୯ ନଂ. ଓ ୧୦ ନଂ. ୱାର୍ଡ ସ୍ଥିତ ବଡ଼ବନ୍ଧ ଓ ରାମେଶ୍ୱର ପାଟଣାସ୍ଥିତ ମହାଦେବ ମନ୍ଦିର ପରିସର ସଫା କରାଯାଇଥିଲା। ଏହି ସଫେଇ କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, କାଉନସିଲର ମଞ୍ଜରୀ ଦନ୍ତା, ସଫେଇ ବିଶେଷଜ୍ଞ ଅବିନାଶ ମିଶ୍ର, ଡିଏମ୍‌ଏମ୍ ସୀମା ପ୍ରଧାନ, ପୌର କର୍ମଚାରୀ ଉମାକାନ୍ତ ଦାସ, ରମାକାନ୍ତ ବିଶ୍ୱାଳ, ବିଶ୍ୱରଞ୍ଜନ ଭୁକ୍ତାଙ୍କ ସମେତ ସମସ୍ତ କର୍ମଚାରୀ, ସଫେଇ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସାମିଲ ହୋଇଥିଲେ।

## 'ଅଞ୍ଚଳର ବିକାଶ ପାଇଁ କାମ କର'



ପ୍ରତିଷ୍ଠା ଦିବସ ପାଳନ ଅବସରରେ ଭାଜପା ନେତମାନେ।

**ବଇଣ୍ଡା, ୬।୪ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ମଣ୍ଡଳ ପକ୍ଷରୁ ସୋମବାର ବଇଣ୍ଡାସ୍ଥିତ କଲ୍ୟାଣ ମଣ୍ଡପ ନିକଟରେ ଭାଜପାର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ମଣ୍ଡଳ ସଭାପତି ହେମନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦିବସରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଦଳକୁ କିପରି ଶକ୍ତିଶାଳୀ କରିବେ ଓ ଆଗକୁ ଏହି ଅଞ୍ଚଳର ବିକାଶ ହେବ ତାହା ଉପରେ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଭାଜପା ନେତା ଅରବିନ୍ଦ ସାହୁ, ରାଜେନ୍ଦ୍ର ସାହୁ, ମାନସ ସାହୁ, ଅଜିତ ପଟ୍ଟନାୟକ, ସୁଦାମ ଚରଣ ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ। ସେହିପରି ନାକିଚି ଠାରେ ମଧ୍ୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ସାଏ ମୁଖ୍ୟ ଅତିଥି, ଅନ୍ୟତମ ଅତିଥି ଭାବେ ଜିଲା ଭାଜପା ସଭାନେତ୍ରୀ ଅଞ୍ଜଳି ପ୍ରଧାନ, ଅଲେଖ ପ୍ରଧାନଙ୍କ ସମେତ ବହୁ ଭାଜପା ସଦସ୍ୟ ଯୋଗ ଦେଇଥିଲେ।

## ଯୋଗଦେଲେ ନୂତନ ଥାନା ଅଧିକାରୀ

**ସନ୍ତ୍ରୀଛକ,୬।୪(ସନ୍ତୋଷ ପରିଡ଼ା)**

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନାରେ ନୂତନ ଥାନା ଅଧିକାରୀ ଭାବେ ନିରୋଦ କୁମାର ମଲ୍ଲିକ ଶନିବାର ଯୋଗ ଦେଇଛନ୍ତି। ପୂର୍ବରୁ ଥିବା ଥାନା ଅଧିକାରୀ ତୁଳସୀ ମଞ୍ଜରୀ ଭୂୟାଁଙ୍କ ଠାରୁ ସେ ଦାୟିତ୍ୱ ନେଇଛନ୍ତି। ସୂଚନା ଅନୁଯାୟୀ, ପୂର୍ବ ଥାନା ଅଧିକାରୀଙ୍କୁ ଭାପୁର ଫାଣ୍ଡିକୁ ବଦଳି କରାଯାଇଛି। ନୂଆ ଅଧିକାରୀ ନିରୋଦ ଢେଙ୍କାନାଳ ସଦର ଥାନାରେ କାର୍ଯ୍ୟରତ ଥିଲେ। କଣ୍ଟାବଣିଆ ଅଞ୍ଚଳର ଲୋକେ କିପରି ନ୍ୟାୟ ପାଇବେ ଏବଂ ଆଇନ ଶୃଙ୍ଖଳା ଠିକ୍ ରହିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ ନିରୋଦ ପ୍ରକାଶ କରିଛନ୍ତି।



## ଚିକିତ୍ସାଳୟରେ ଅଗ୍ନିସୁରକ୍ଷା ନେଇ ମକ୍‌ଡ୍ରିଲ୍

### ରୋଗୀ, କର୍ମଚାରୀଙ୍କୁ ଦିଆଗଲା ପ୍ରଶିକ୍ଷଣ

**ଅନୁଗୋଳ,୬।୪(ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ପୂର୍ବାହ୍ନରେ ଏକ ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ପ୍ରାକ୍ ପ୍ରସ୍ତୁତି ଅଭ୍ୟାସ ବା ମକ୍‌ଡ୍ରିଲ୍ ଆୟୋଜିତ ହୋଇଛି। ଜିଲା ପ୍ରଶାସନ ଓ ଜିଲା ଅଗ୍ନିଶମ ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି ଅଭ୍ୟାସରେ ଆପଦକାଳୀନ ପରିସ୍ଥିତିରେ କିପରି ତ୍ୱରିତ ଓ ଠିକ୍ ପଦକ୍ଷେପ ନିଆଯିବ, ସେ ନେଇ ପ୍ରାୟୋଗିକ ନମୁନା ପ୍ରଦର୍ଶନ କରାଯାଇଥିଲା। ଏହି ମକ୍‌ଡ୍ରିଲ୍ ସମୟରେ ଚିକିତ୍ସାଳୟ ପରିସରର ବିଭିନ୍ନ ୱାର୍ଡରେ ଅଗ୍ନିକାଣ୍ଡ ଘଟିଥିବା ଭଳି ପରିସ୍ଥିତି ସୃଷ୍ଟି କରାଯାଇ ତାହାର ମୁକାବିଲା ପାଇଁ ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ କାର୍ଯ୍ୟରତ ହୋଇଥିଲେ। ଧୂଆଁ ଓ ଆତଙ୍କର ପରିବେଶ ମଧ୍ୟରେ କିପରି ରୋଗୀମାନଙ୍କୁ ସୁରକ୍ଷିତ ଭାବେ ବାହାର କରାଯିବ ଓ ଆପତକାଳୀନ ସେବା ଯୋଗାଇଦିଆଯିବ, ସେଥିନେଇ ବିଶେଷ ଅଭ୍ୟାସ କରାଯାଇଥିଲା। ଏହି ଅଭ୍ୟାସରେ ଅଗ୍ନିନିବାରଣ ଯନ୍ତ୍ର ବ୍ୟବହାର ପ୍ରଣାଳୀ ଓ ଆପଦ ସମୟରେ ରୋଗୀଙ୍କୁ କିପରି ସ୍ଥାନାନ୍ତର କରିବା ଭଳି ମୂଳ ଦକ୍ଷତା ଉପରେ କର୍ମଚାରୀମାନଙ୍କୁ ଶିକ୍ଷା ଦିଆଯାଇଥିଲା। ଏଥିସହ ଆଲାର୍ମ ସିଷ୍ଟମ ବ୍ୟବହାର, ଆପତକାଳୀନ ନିର୍ଗମ ପଥ ଚିହ୍ନଟ କରିବା ଓ ଭିଡ଼ ନିୟନ୍ତ୍ରଣ ପାଇଁ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। ଚିକିତ୍ସାଳୟର ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ଏହି ଅଭ୍ୟାସରେ ଭାଗ ନେଇଥିବାବେଳେ ରୋଗୀ ଓ ସେମାନଙ୍କ ସହଯୋଗୀମାନଙ୍କୁ ମଧ୍ୟ ଅଗ୍ନିଜନିତ ବିପଦ ସମୟରେ ଭୟଭୀତ ନ ହୋଇ ସଚେତନ ରହିବାକୁ ପରାମର୍ଶ ଦିଆଯାଇଥିଲା। ଏହି ମକ୍‌ଡ୍ରିଲ୍ ଆଗାମୀ ଦିନରେ ସମ୍ଭାବ୍ୟ ଅଗ୍ନିଜନିତ ଦୁର୍ଘଟଣାର ମୁକାବିଲା ପାଇଁ ବୃହତ ପ୍ରସ୍ତୁତି ରୂପେ କାମ କରିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଜିଲା ପ୍ରଶାସନ ମଧ୍ୟ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରାଯିବ ବୋଲି ସୂଚନା ଦେଇଛି।



ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମକ୍‌ଡ୍ରିଲ୍ କରାଯାଉଛି।

